


# ଏକାଠି ଆମେ ସକ୍ଷମ ହେବା

## ଏକ ସାମୁହିକ ପରିବର୍ତ୍ତନ ଦିଗରେ...

## "ଓ୍ୱି କ୍ୟାନ" ବା ଆମେ ପାରିବା ରେ ଆପଣଙ୍କର ସହଯୋଗ ଯୋଗୁଁ ନିମ୍ନପରିଣାମ ମିଳିବ!

- ଏହି ଉପକ୍ରମକୁ ଶକ୍ତି ମିଳିବ ଏବଂ ଅଞ୍ଚଳର କୋଟି କୋଟି ମହିଳାଙ୍କର ଜୀବନରେ ସୁଧାର ଆସିବ ।
- ମୂଲ୍ୟବୋଧ, ପ୍ରବୃତ୍ତି ଏବଂ ବ୍ୟବହାର ଯାହାସବୁ ମହିଳା ଓ ଝିଅମାନଙ୍କ ପାଇଁ ଭେଦଭାବ ସୃଷ୍ଟିକରେ ସେସବୁରେ ପରିବର୍ତ୍ତନ ଆସିବ ।
- ମହିଳା ମାନଙ୍କ ବିରୁଦ୍ଧରେ ହେଉଥିବା ସମସ୍ତ ହିଂସାତ୍ମକ କାର୍ଯ୍ୟକଳାପ ସମାପ୍ତ କରାଇବା ପାଇଁ ସରକାର, ସମାଜ ଏବଂ ବ୍ୟକ୍ତି ବିଶେଷଙ୍କଠାରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ ପାଇଁ ଦାବୀ କରିବା ।

## ଏକାଠି ଆମେ ସକ୍ଷମ ହେବା

ଆଜି ଦକ୍ଷିଣ ଏସିଆରେ ପ୍ରତି ଦୁଇଜଣରେ ଜଣେ ମହିଳା, ତାଙ୍କର ଦୈନନ୍ଦିନ ଜୀବନରେ ହିଂସା ଓ ଅପ୍ରିତିକର ପରିସ୍ଥିତିରେ ଜୀବନ ବିତାଉଛନ୍ତି । କିନ୍ତୁ ଯେମିତିକି ଲୋକ ଏବଂ ସମାଜ ଏବଂ ଆମେ ଭାବୁଛୁ, ସେହିପରି ଏକ ହିଂସାମୁକ୍ତ ସଂସାରର କଳ୍ପନା ଆମେ କରିପାରିବା ନାହିଁକି?

ଏହା ଯେ ସମ୍ପୂର୍ଣ୍ଣ ମାତ୍ରାରେ ସମ୍ଭବ ଏକଥା ଆମେ ବିବେଚ଼ନା କରିପାରିବା ନାହିଁ କି?

ଆମେ ଯେମିତି ଆମ ଗ୍ଭରିପାଖରେ ଦେଖୁଛୁ "ଆମେ ପାରିବା!"

ଏହି ଅଭିଯାନରେ ଯେଉଁମାନେ ସାମୁହିକ ଚେଞ୍ଜମେକର ହୋଇପାରିଛନ୍ତି, ଆମେ ସେହିସବୁ ଗୋଷ୍ଠୀ, ସଂସ୍ଥା ଏବଂ ସମୂହ ମାନଙ୍କର ପ୍ରତିଛବି ଆଦାନପ୍ରଦାନ କରିବୁ ।

"ଆମେ ପାରିବା" ହେଉଛି ଗୋଟିଏ ଛଅ ବର୍ଷିଆ, ଛଅ ରାଷ୍ଟ୍ରୀୟ ସାଉଥଏସିଆ ଉପକ୍ରମ, ଯାହାକି ଭେଦଭାବ ଏବଂ ହିଂସା ସୃଷ୍ଟି କରୁଥିବା ସମାଜଭିତରେ ଗଭୀର ଭାବରେ ଘରକରି ରହିଥିବା ସେହିସବୁ ସାମାଜିକ ଲକ୍ଷଣ, ମନୋବୃତ୍ତିକୁ ଦୂର କରିବା ଏବଂ ବିନାଶ କରିବାକୁ ଆରମ୍ଭ କରାଯାଇଛି ।

୨୦୦୪ ମସିହାରୁ ଆରମ୍ଭ ହୋଇଥିବା ଏହି ଉପକ୍ରମରେ, ବଙ୍ଗଳାଦେଶ, ଶ୍ରୀଲଙ୍କା, ଭାରତ, ନେପାଳ, ପାକିସ୍ଥାନ ଏବଂ ଆଫଗାନିସ୍ଥାନରେ ୨.୭ ମିଲିୟନ ଚେଞ୍ଜମେକର ବା ପରିବର୍ତ୍ତନକାରୀ ସୃଷ୍ଟି ହୋଇଛନ୍ତି ।

"ୱି କ୍ୟାନ" ସେହିସବୁ ସାଧାରଣ ମହିଳା ଓ ପୁରୁଷଙ୍କ ପାଖରେ ପହଞ୍ଚିଥାଏ ଯିଏ ଏକ ସାମୁହିକ ପରିବର୍ତ୍ତନ ପାଇଁ ପଦକ୍ଷେପ ଗ୍ରହଣ କରନ୍ତି ଏବଂ ମହିଳାମାନଙ୍କ ବିରୁଦ୍ଧରେ ହିଂସାକୁ କମ୍ କରାଇବା ପାଇଁ ସାମାଜିକ ଗ୍ରହଣୀୟତାକୁ କମ୍ କରିବା ତଥା ବର୍ତ୍ତମାନର ସଶକ୍ତ ସମ୍ପର୍କକୁ ନମନୀୟ କରାଇବାର ପଦକ୍ଷେପ ଗ୍ରହଣକରି, ଏହି ପରିବର୍ତ୍ତନ ଆଣିବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି କ୍ଷେତ୍ରରେ ବର୍ତ୍ତମାନ ବହୁତ କିଛି ହେଉଛି...

ମହିଳାମାନଙ୍କ ବିରୁଦ୍ଧରେ ହେଉଥିବା ସମସ୍ତ ହିଂସା ସମାପ୍ତ କରିବାପାଇଁ ସାଉଥ୍ ଏସିଆ କାମ୍ପେନ୍ । ଅଥବା "ୱି କ୍ୟାନ" ହେଉଛି ବାଙ୍ଗଲାଦେଶ, ଶ୍ରୀଲଙ୍କା, ଭାରତ, ନେପାଳ, ପାକିସ୍ଥାନ ଏବଂ ଆଫଗାନିସ୍ଥାନରେ ଚାଲିଥିବା ଏକ ଉପକ୍ରମ । ଏହି ଉପକ୍ରମର ଉଦ୍ଦେଶ୍ୟ ହେଉଛି ସମାଜ ଭିତରେ ଗଭୀର ଭାବରେ ସ୍ଥାନ ନେଇଥିବା  କୁରୀତି ଓ ସାମାଜିକ ପ୍ରଥା ଯାହାସବୁ ଲିଙ୍ଗୀୟ ଆଧାରିତ ଭେଦଭାବ ତଥା ଲିଙ୍ଗୀୟ ହିଂସା ଓ ଅତ୍ୟାଚାରକୁ ପ୍ରୋତ୍ସାହିତ କରିଥାଏ ସେସବୁକୁ ହ୍ରାସ ବା ପରିବର୍ତ୍ତନ କରିବାଦିଗରେ କାମ କରିବା ଓ କରାଇବା ।



# ଏକାଠି ଆମେ ସକ୍ଷମ ହେବା

ଏହି ଉପକ୍ରମର ପରିବର୍ତ୍ତନ କରାଇବାର ନମୁନା, ବହୁସଂଖ୍ୟକ ଲୋକ ତଥା ସଂସ୍ଥା (ଚେଞ୍ଜ ମେକର) ମାନଙ୍କୁ ଲୋକଙ୍କ ସମ୍ମୁଖରେ ଠିଆହେବା ତଥା ମହିଳାମାନଙ୍କ ପ୍ରତି ହିଂସା ବିରୁଦ୍ଧରେ ବିଭିନ୍ନ ପ୍ରକାର ଜନ ସଚେତନ ମୂଳକ କାର୍ଯ୍ୟକ୍ରମ ଏବଂ ଏହି ପ୍ରସଙ୍ଗ ପ୍ରତି ସମ୍ବେଦନଶୀଳତା ସୃଷ୍ଟି ଦିଗରେ କାମ କରିବାସହ ସେମାନଙ୍କୁ ପ୍ରବର୍ତ୍ତାଇବାରେ ସହାୟକ ହୁଏ । ତେଣୁ ଲୋକମାନଙ୍କର ଚିନ୍ତା କରିବାର ଶକ୍ତି ଏବଂ ସେମାନେ ମିଶିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଏ । ଲୋକ ଏବଂ ଲୋକମାନଙ୍କର ପ୍ରବୃତ୍ତିରେ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଆଯାଏ ।

ଏଣୁକରି ଏହି ଉପକ୍ରମ, ଏକ ସକାରାତ୍ମକ ବାର୍ତ୍ତାକୁ ପ୍ରଚାର ଓ ପ୍ରସାର କରେ ଯାହା ହେଉଛି "ହିଂସା କୌଣସି ମତେ ଗ୍ରହଣୀୟ ନୁହେଁ ବା ସହ୍ୟ କରାଯିବା ଉଚିତ୍ ନୁହେଁ ଏବଂ ସାଧାରଣ ମହିଳା ଓ ପୁରୁଷଙ୍କ ପାଖରେ ହିଁ ଏହାକୁ ଶେଷ କରିବାର କ୍ଷମତା ଅଛି । ତେଣୁ ଏହି ପ୍ରଚାର ଯୋଗାଇଦିଏ ଯଥାର୍ଥ ଉତ୍ସାହ ଏବଂ ପ୍ରୋତ୍ସାହନ ଓ ଜନସାଧାରଣ ଏହାଦ୍ୱାରା ପରିବର୍ତ୍ତନ ଅବଲମ୍ବନ କରି ସାରା ସଂସାରକୁ କରିଥାଆନ୍ତି ଏକ ନ୍ୟାୟ ସତ୍ୟ ଏବଂ ସମଭାବାପନ୍ନ ସ୍ଥାନ ।

ଉଦାହରଣ ସ୍ୱରୂପ, ବାଙ୍ଗାଲାଦେଶରେ, ଟ୍ରେଡ୍ ୟୁନିୟନ ସେଣ୍ଟର ଠାରେ, ଯେଉଁଠି ଗୋଟିଏ ଗାରମେଣ୍ଟ ଫ୍ୟାକ୍ଟ୍ରୀ ଏବଂ କିଛି କନ୍‌ଷ୍ଟ୍ରକସନ୍ ମଜୁରିଆ ଥିଲେ, ସେମାନେ ଏହି ଉପକ୍ରମରେ ଯୋଗ ଦେଲେ ଏବଂ ସ୍ଲୋଗାନ ଥିଲା "ସମାନ ସମ୍ପର୍କ ଓ ସମାନ ପାରିଶ୍ରମିକ" ଏବେ ଏହି କାମ୍ପେନ୍ ଧୀରେ ଧୀରେ ପ୍ରସାର ଲାଭ କରିଛି ଏବଂ ପ୍ରାୟ ୨.୭ ମିଲିୟନରୁ ଅଧିକ ଲୋକ ଏଣିକି ଏହି କାମ୍ପେନ୍ ରେ ଯୋଗ ଦେଇସାରିଛନ୍ତି ।

**ରେଡିଓ ହେଉଛି ସବୁଠାରୁ ଜନପ୍ରିୟ ମାଧ୍ୟମ, ଯାହାଦ୍ୱାରା କ୍ୟାମ୍ପେନ୍‌ର ବାର୍ତ୍ତାସବୁ ଖୁବ୍ ଶୀଘ୍ର ପ୍ରସାରିତ ହୋଇପାରେ ଏବଂ ଚେଞ୍ଜମେକର ମାନଙ୍କୁ ସଂଯୁକ୍ତ କରିପାରେ ।**

ରେଡିଓ ନେପାଳରେ ୱି କ୍ୟାନ୍ ଏକ ଜନପ୍ରିୟ କାର୍ଯ୍ୟକ୍ରମ ହୋଇପାରିଛି ଏଣୁ ଆମେ ତାଙ୍କୁ ଧନ୍ୟବାଦ ଅର୍ପଣ କରୁଛୁ ସେହିକାରଣରୁ "ୱି କ୍ୟାନ୍ ରେଡିଓ ଲିସନର" କ୍ଲବ ମଧ୍ୟ ସୃଷ୍ଟି ହୋଇଛି ଯାହା ଦ୍ୱାରା ଏହି କ୍ଲବ ଯୋଗୁଁ ଚେଞ୍ଜ ମେକର୍ସ ମଧ୍ୟ ସୃଷ୍ଟି ହେଉଛନ୍ତି ।

ଭାରତର ଯୋଧପୁର ଏବଂ ଉଦୟପୁର ପରି ସହରରେ ଏହି ପ୍ରକାରର ପ୍ରସଙ୍ଗ ଆଧାରିତ ଏକ କାର୍ଯ୍ୟକ୍ରମ, "ଖାମୁସ୍ ନେହିଁ ରହନା ହୈ" ପ୍ରଥମେ ୧୨ଟି ଜିଲ୍ଲା ଏବଂ ୧,୫୦,୦୦୦ ଚେଞ୍ଜମେକରଙ୍କର ଲକ୍ଷ୍ୟ ଧାର୍ଯ୍ୟ ଶ୍ରୋତାଙ୍କ ପାଖରେ ପହଞ୍ଚିବାପରି ଆରମ୍ଭ ହୋଇଥିଲା ।

ଆଜି, ଏହି ପ୍ରକ୍ରିୟା ବେତାର ମାଧ୍ୟମରେ ଚାଲୁ ରହିଛି । ଏବଂ ଏହି କାର୍ଯ୍ୟକ୍ରମ ଏକ ଜନପ୍ରିୟ ଚେଞ୍ଜ ମେକର ହୋଇପାରିଛି ।



# ବେତାର ମାଧ୍ୟମ

# ଏକା ସମାନ ସମର୍ଥନ



## ଏହି ପ୍ରକ୍ରିୟାଦ୍ୱାରା ପୋଲିସ୍ ବିଭାଗ ଗୁଡ଼ିକ ସହ କଥାବାର୍ତ୍ତା କରାଯାଉଛି ଏବଂ ଆମକୁ ବେଶ୍ ଉତ୍ସାହଜନକ ପ୍ରତିକ୍ରିୟା ମଧ୍ୟ ମିଳିଛି ।

ଭାରତର ତାମିଲନାଡୁରେ ୭୦୦ ସବ୍ ଇନିସପେକ୍ଟର ଏହି ପ୍ରକ୍ରିୟା ଅଧିନରେ ଶପଥ ପାଠ କରିଛନ୍ତି । ଗୋଟିଏ ଓ୍ୱି କ୍ୟାନ୍ ପୋଲିସ୍ ଇନିସିଏଟିଭ୍ ସ୍ଥାପନା କରାଯାଇଛି । ପୋଲିସ୍ ମାନଙ୍କର ମୋବାଇଲ ଭ୍ୟାନ୍ ଗୁଡ଼ିକୁ, କାମ୍ପେନ ର ବାର୍ତ୍ତା ପ୍ରଚାର ପାଇଁ ବ୍ୟବହାର କରାଯାଉଛି ଏବଂ ମହିଳା ପୋଲିସ୍ ମାନେ ବିଭିନ୍ନ ଲୋକଙ୍କୁ ଏହି ଉପକ୍ରମରେ ଯୋଗ ଦେବାକୁ ଆମନ୍ତ୍ରଣ କରୁଛନ୍ତି ।

ପାକିସ୍ଥାନର ଗୋଟିଏ ସ୍ଥାନୀୟ ପୋଲିସ୍ ଷ୍ଟେସନରେ ବର୍ତ୍ତମାନ ଆନ୍ତର୍ଜାତୀୟ ହ୍ୟୁମାନ ରାଇଟ୍ସ ଡେ ପାଳନ କରାଯାଉଛି । ଜଣେ ପୋଲିସ୍ ଚେଞ୍ଜ ମେକରଙ୍କର ଉପକ୍ରମ ଫଳରେ ବର୍ତ୍ତମାନ ଏହି ବିଭାଗରେ ଏକ ଭିନ୍ନ ମହିଳା ରିପୋର୍ଟ ସେଣ୍ଟର ପ୍ରଥମ ଥରପାଇଁ ସ୍ଥାପନ କରାଯାଇଛି ।

ଓ୍ୱି କ୍ୟାନ୍ ସହ ସଂଶ୍ଳିଷ୍ଟ ହେବାପରେ, ସିନ୍ଧୁଦୁର୍ଗ, ମହାରାଷ୍ଟ୍ର ଭାରତର ଥାନା ବିଭାଗ ବହୁତ ଗୁଡ଼ିଏ ଜନ ସଚେତନ କାର୍ଯ୍ୟକ୍ରମ ଯେମିତିକି ମହିଳା ପୋଲିସ୍ କର୍ମୀମାନଙ୍କୁ ନିରାପଦ ଢଙ୍ଗରେ କାମ କରିବାର ପରିବେଶ ପ୍ରଦାନ କରୁଛନ୍ତି, ମହିଳା କେୟାର ଟେକର ମାନଙ୍କୁ ନିଯୁକ୍ତି ଦିଆ ଯାଉଛି ଏବଂ ଏହି ସମସ୍ତ କାର୍ଯ୍ୟକଳାପକୁ ସଂସ୍ଥା ଭିତରେ ଯଥେଷ୍ଟ ମାନ ସମ୍ମାନ ମିଳିଛି ।

**ଏହି ସମଗ୍ର ଅଞ୍ଚଳରେ, ଏପ୍ରକାରର ସମର୍ଥନମୂଳକ ପରିବର୍ତ୍ତନ ଗୁଡ଼ିକ, ଏହି ବିଭାଗ ସହ ଦ୍ରୁତଗତିରେ ହେଉଥିବାର ଲକ୍ଷ୍ୟ କରାଯାଉଛି ତେଣୁ ଏହା ମହିଳାମାନଙ୍କ ପ୍ରତି ଅନୁକୂଳ ପରିବେଶ ସୃଷ୍ଟି, ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଲିଙ୍ଗୀୟ ସମ୍ବେଦନଶୀଳତା ଇତ୍ୟାଦି ମଧ୍ୟ ସୃଷ୍ଟି କରିପାରିଛି ।**


## ଅସମର୍ଥ ଗୋଷ୍ଠୀମାନେ, ଏହି ଉପକ୍ରମରେ ବେଶ ସକ୍ରିୟ ହୋଇଯାଇଛନ୍ତି ଏବଂ ସେମାନେ ମହିଳାମାନଙ୍କର ଚଳ ପ୍ରଚଳ ପରି ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କର ଏକତା ବା ସମସ୍ୱାର୍ଥତା ମଧ୍ୟ ପ୍ରଦର୍ଶନ କରୁଛନ୍ତି ।

ଓଡ଼ିଶାର ଅକ୍ଷମ ଲୋକମାନଙ୍କର ଏକ ସଂଗଠନ, ଏହି ଉପକ୍ରମର ଏକ ଅଂଶ ହୋଇଛି ଏବଂ ତାଙ୍କ ଅଞ୍ଚଳରେ ଏହାକୁ ସମର୍ଥନ କରୁଛି । ଏହି ସଂସ୍ଥା, ନିଜ ଅଞ୍ଚଳରେ ଝିଅ ପିଲାମାନଙ୍କର ଶିକ୍ଷା, ସେମାନଙ୍କର ଚଳପ୍ରଚଳ ଏବଂ ଅଭିବ୍ୟକ୍ତି ପ୍ରକାଶ କରିବାର ସ୍ୱାଧୀନତା ଇତ୍ୟାଦି ବିଷୟରେ ସ୍ୱର ଉତ୍ତୋଳନ କରୁଛନ୍ତି ଏବଂ କାମ କରୁଛନ୍ତି ।

ଦ ନ୍ୟାଶନାଲ ଆସୋସିଏସନ୍ ଅଫ୍ ଫିଜିକାଲି ଡିଜାବଲ୍ଡ, ନେପାଳ ଏହି ଓ୍ୱି କ୍ୟାନ ସଂସ୍ଥାରେ ୨୦୦୫ ମସିହାରୁ ଏକ ସକ୍ରିୟ ସଂସ୍ଥା ଭାବରେ କାମ କରି ଆସିଛି ।

ଏହି କାମ୍ପେନର କେତେକ ଯୋଗାଯୋଗ ସମ୍ବନ୍ଧୀୟ ସାମଗ୍ରୀ ବ୍ରେଲିଲିପିରେ ଲେଖାଯାଇଛି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକଙ୍କ ପାଇଁ ବାର୍ତ୍ତା ପ୍ରେରଣ ପାଇଁ ସହାୟକ ହେଉଛି ।

ଏହି ଗୋଷ୍ଠୀର ଲୋକମାନେ ଏବେ ସେ ସମସ୍ତ କଷ୍ଟକୁ ଦୂର କରିବାକୁ ପଣ କରିଛନ୍ତି ଏବଂ ଏମାନେ ଏହି ସଂଗଠନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇସାରିଛନ୍ତି ।



# ଐକ୍ୟ ଏବଂ ସମସ୍ୱାର୍ଥତା ବୃଦ୍ଧି

# ପରିବର୍ତ୍ତନ ପାଠ୍ୟକ୍ରମ



## ବିଦ୍ୟାଳୟ, ଏକ ଏପରି ସଂସ୍ଥା ଯାହାକି ସମାଜରେ ପରିବର୍ତ୍ତନ ଏବଂ ବାର୍ତ୍ତାର ପ୍ରସାର ପାଇଁ ମୁଖ୍ୟ ମଞ୍ଚଭାବରେ କାମ କରିବା ଆରମ୍ଭ କରିଛି ।

ବାଙ୍ଗଲାଦେଶର ୧୦୦୦ରୁ ଅଧିକ ସ୍କୁଲକୁ ସରକାରଙ୍କପକ୍ଷରୁ ଲିଖିତ ଅନୁମତି ଦିଆଯାଇଛି, ଯାହାଦ୍ୱାରା ଏହି ବାମେନକୁ ବିଦ୍ୟାଳୟର ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ସ୍କୁଲର ପିଲାମାନେ ତଥା ଶିକ୍ଷକମାନେ, ସେମାନଙ୍କ ସ୍କୁଲରେ ଅନେକ ଚେଞ୍ଜ ମେକରଙ୍କୁ ତାଙ୍କୁ ସ୍କୁଲରେ ପ୍ରେରିତ କରିଛନ୍ତି ଏବଂ ଏହି ପିଲାମାନେ, ଏହି ଉପକ୍ରମକୁ ଗାଁ ଗହଳି ଓ କୋଣଯାର୍ଶ୍ୱ ପହଞ୍ଚାଇ ପାରିଛନ୍ତି ।

ରାଜସ୍ଥାନ ଅନ୍ତର୍ଗତ ଜୋଧେଲ ଅଞ୍ଚଳର ଏକ ଛୋଟିଆ ଗାଁରେ, ଝିଅ ବା ଛାତ୍ରୀମାନଙ୍କର ଉପସ୍ଥାନ ସ୍କୁଲରେ ଦ୍ରୁତଗତିରେ କମି କ୍ଷୁଣିଥିଲା ଏହା ଜଣେ ଯୁବ ଚେଞ୍ଜମେକର ଦେଖିବାପରେ, ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ ଏବଂ ବିଦ୍ୟାଳୟ କମିଟି ଏହି ପ୍ରସଙ୍ଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ତୁରନ୍ତ ନିଷ୍ପତ୍ତି ଗ୍ରହଣ କଲେ । ଗ୍ରାମ ପଞ୍ଚାୟତ ସହମିଶି, ସେମାନେ ଗ୍ରାମର ସବୁ ଛାତ୍ରୀମାନଙ୍କର ସୁରକ୍ଷା ପ୍ରସଙ୍ଗଉପରେ ମଧ୍ୟ ବିସ୍ତୃତ ଆଲୋଚନା କରି, ଉଚିତ୍ ପଦକ୍ଷେପମାନ ଗ୍ରହଣ କରାଗଲା ପୁଣି, ସେମାନେ ପିଲାମାନଙ୍କର ଅଭିଭାବକ ମାନଙ୍କ ସହ ଅନେକ ପ୍ରସଙ୍ଗ ଯେମିତିକି ଲିଙ୍ଗାୟ ଆଧାରିତ ହିଂସା, ଲଙ୍ଗାୟ ବିବାହବିତ ପ୍ରଥା, ସାମାଜିକ କୁରିତିମାନ ଉପରେ ଆଲୋଚନା କରିଲେ, ଯାହା ସବୁ ପରିବର୍ତ୍ତନ ହେବା ନିହାତି ଆବଶ୍ୟକ ।

## ମ୍ୟୁନିସିପାଲ କର୍ପୋରେଶନ ମଧ୍ୟରେ ହୋଇଥିବା ପରିବର୍ତ୍ତନ, ଇତି ମଧ୍ୟରେ ଏହି ଅଭିଯାନକୁ ଏକ ନୂତନରୂପ ଦେଲା ଏବଂ ମହିଳାମାନଙ୍କ ବିରୁଦ୍ଧରେ ହିଂସାକୁ ଦମନ ଦିଗରେ ସାମାଜିକ ସ୍ତରରେ କଥାବାର୍ତ୍ତା ପାଇଁ ସୁଯୋଗ ସୃଷ୍ଟି କଲା ।

ପାକିସ୍ଥାନରେ ଜଣେ ସକ୍ରିୟ ଚେଞ୍ଜ ମେକର କାଉନସିଲରଙ୍କର କଠିନ ପରିଶ୍ରମ ଫଳରେ, ବିଭିନ୍ନ ମ୍ୟୁନିସିପାଲ କମିଟି ଗୁଡ଼ିକରେ ମହିଳା ମାନଙ୍କର ଅଂଶ ଗ୍ରହଣର ମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି ।

ବଙ୍ଗଳାଦେଶରେ ୫୦୦ ୟୁନିୟନ କାଉନସିଲ ଏବଂ ୨୦ ମ୍ୟୁନିସିପଲ କର୍ପୋରେଶନ ଏହି ଅଭିଯାନରେ ସଂପୃକ୍ତ ଅଛନ୍ତି ।

ଭାରତର ମହାରାଷ୍ଟ୍ର ଅନ୍ତର୍ଗତ ସାଓ୍ୱନବାଡ଼ି ମ୍ୟୁନିସିପାଲିଟି କର୍ପୋରେଶନରେ ଏହି ନିକଟରେ ଗୋଟିଏ କର୍ମଚାରୀ ସ୍ତରୀୟ ଚେଞ୍ଜମେକର ଇଭେଣ୍ଟ ଆୟୋଜିତ ହୋଇଥିଲା ପୁଣି ତା ସହିତ ଏହି କର୍ପୋରେଶନ ବିଭିନ୍ନ ବିଦ୍ୟାଳୟରେ ଚାଲିଥିବା ଏହି ଅଭିଯାନ ସମ୍ବନ୍ଧୀୟ କାର୍ଯ୍ୟ କଳାପରେ ଅଂଶ ଗ୍ରହଣ ମଧ୍ୟକରୁଛି ।

ଏହି ସମଗ୍ର ଅଞ୍ଚଳରେ, ଅନେକ ଗୁଡ଼ିଏ ମ୍ୟୁନିସିପାଲ କାଉନସିଲର ମଧ୍ୟ ଯଥାର୍ଥ ସମର୍ଥନ କରୁଛନ୍ତି ଏବଂ ବର୍ତ୍ତମାନ ସେମାନେ ନିଜ ନିଜର ଓ୍ୱାର୍ଡରେ ସକ୍ରିୟ ଭାବରେ ଏହି ଅଭିଯାନରେ ସଂପୃକ୍ତ ମଧ୍ୟ ହେଉଛନ୍ତି ।




# ନିଜ ଭିତରେ ପରିବର୍ତ୍ତନ



# ବିଶ୍ୱାସ ରଖିବା

## ସମଗ୍ର ଅଞ୍ଚଳରେ ଗୋଷ୍ଠୀଗୁଡ଼ିକ ମଧ୍ୟରେ ଧାର୍ମିକ ଭାବନା ଏହି ଅଭିଯାନରେ ମଧ୍ୟ ଏକ ସକ୍ରିୟ ମାଧ୍ୟମଭାବରେ କାମ କରିଛି ।

ପାକିସ୍ଥାନର ମୁଜାଫରବାଦଠାରେ ଜଣେ ମୌଲାନା ଚେଞ୍ଜ ମେକର, ଏକ ସ୍ଥାନୀୟ ମସଜିଦ୍‌ରେ ପବିତ୍ରବାଣୀ ପାଠକରିବାକୁ ନିମନ୍ତ୍ରଣ କରିଥିଲେ । ଏହି ଅଧିବେଶନର ଆରମ୍ଭ, ସେ ନିଜର ଝିଅକୁ କୋରାନ୍‌ର ପବିତ୍ର ଧାଡ଼ିଗୁଡ଼ିକୁ ପାଠକରିବାପାଇଁ ନିମନ୍ତ୍ରଣ କରିବା ସହ କରିଥିଲେ ।

ଭାରତର ତାମିଲନାଡୁସ୍ଥିତ କରୁର ଠାରେ ଜଣେ ପୁରୋହିତ, ମନ୍ଦିରର  ଦୈନିକ ଉପଗ୍ଚର ବା ପାରମ୍ପରିକ କାର୍ଯ୍ୟକଳାପ ସରିବାପରେ, ସେହିଠାରେ ଏକତ୍ରିତ ଲୋକଙ୍କ ଗହଣରେ, ଏହି ଅଭିଯାନର ବୈଶିଷ୍ଟ୍ୟ ଗୁଡ଼ିକୁ ଆଲୋଚ଼ନା କରନ୍ତି ।

ଶ୍ରୀଲଙ୍କାର ଇସଲାମଫେଥ୍ ଗାଁର ଗୋଟିଏ ମସଜିଦ୍‌ରେ, ଜଣେ ମୌଲାନା, ନିୟମିତ ଭାବରେ ଅନ୍ୟ ସମସ୍ତ ସଦସ୍ୟମାନଙ୍କ ଗହଣରେ, ଝିଅପିଲାରେ ଅଧାଶିକ୍ଷାରେ ସ୍କୁଲ ଛାଡ଼ିବା, ସେମାନଙ୍କର ଶୀଘ୍ର ବାହାଘର ଏବଂ ଯାତାୟତ ଉପରେ ପ୍ରତିବନ୍ଧକ ପରି ପ୍ରସଙ୍ଗ ଉପରେ ଆଲୋଚ଼ନା କରି ସଚ଼େତନତା ସୃଷ୍ଟି କରନ୍ତି ।

ଆଜି ଏହି ଚେଞ୍ଜ ମେକର ମାନେ ସେହିସବୁ କ୍ଷେତ୍ରରେ ଏକ ପରିବର୍ତ୍ତନର ଆହ୍ୱାନ କରିଛନ୍ତି ଏବଂ ପରିବର୍ତ୍ତନ ଆଣିଛନ୍ତି,  ଯେଉଁସବୁ କ୍ଷେତ୍ରକୁ ପୂର୍ବରୁ ସାମାଜିକ ପରିବର୍ତ୍ତନ ଏବଂ ସେସମ୍ବନ୍ଧୀୟ କଥାବାର୍ତ୍ତା ପାଇଁ ପ୍ରତିବନ୍ଧିତ ବୋଲି ବିବେଚ଼ନା କରାଯାଉଥିଲା ।

**ଟେଲିଭିଜନ ପ୍ରଗ୍ରାମ କାର୍ଯ୍ୟକ୍ରମ, ସାଧାରଣ ଜନତାଙ୍କ ମଧ୍ୟରେ ଘୋଷଣା ପରି ସାଧାରଣ କାର୍ଯ୍ୟକ୍ରମ ଗୁଡ଼ିକ ବ୍ୟତିତ ବିଭିନ୍ନ ପ୍ରକାର ସୃଜନ ଶୀଳ କାର୍ଯ୍ୟକ୍ରମ ଜରିଆରେ, ଏହି ଅଞ୍ଚଳର କୋଟି କୋଟି ପରିବାରଙ୍କ ଘରେ ପହଞ୍ଚୁଥିବା ଟେଲିଭିଜନ କାର୍ଯ୍ୟକ୍ରମ ମଧ୍ୟ ପରିବର୍ତ୍ତନର ଏକ ସ୍ରୋତ ହୋଇପାରିଛି ।**

ପାକିସ୍ଥାନରେ ଗୋଟିଏ ମ୍ୟୁଜିକ ଭିଡିଓ "ଅପନା ଫୈସଲା", ସମ୍ମାନହାନୀ ଉପରେ ସଚେତନତା ସୃଷ୍ଟି ଏବଂ ଏ ପ୍ରସଙ୍ଗରେ କଥାବାର୍ତ୍ତା ପାଇଁ ଯଥାର୍ଥ କ୍ଷେତ୍ର ସୃଷ୍ଟିପାଇଁ ପ୍ରସ୍ତୁତ କରାଯାଉଛି ।

ଘରୋଇ ହିଂସା ଉପରେ ଏକ ପ୍ରାଇମ ଟାଇମ୍ ଟେଲିଭିଜନ କାର୍ଯ୍ୟକ୍ରମ "ମୋନେର ଜନାଲା" (ମନର ଝରକା) ବାଙ୍ଗଲାଦେଶର ATN ବାଙ୍ଗଲାଦେଶ ଚ୍ୟାନେଲରେ ରାଷ୍ଟ୍ରୀୟ ସ୍ତରରେ ପ୍ରସାରଣ କରାଗଲା ।

ଏସବୁ ପଦକ୍ଷେପ, ଏହି ଅଭିଯାନକୁ ଏକ ମନୋରଞ୍ଜନ ଶୈଳୀରେ ପ୍ରଭାବଶାଳୀ କରାଇ ଏବଂ ପରିବର୍ତ୍ତନର ଶୁଭାରମ୍ଭ କରାଇବାରେ ବହୁମାତ୍ରାରେ ସହାୟକ ହୋଇଛି ।





# ପ୍ରାଇମ୍ ଟାଇମ୍
# ଚେଞ୍ଜ


BANK




हिंसा मुक्त जीवन सबका





[illegible]

# ଉଚ୍ଚ ସୁଧ ଲାଭ

ପାକିସ୍ଥାନର ବହାୱାଲପୁର ସ୍ଥିତ ହାବିବ୍ ବ୍ୟାଙ୍କର ଶାଖା, ବର୍ତ୍ତମାନ ତା ଭିତରେ ସ୍ୱତନ୍ତ୍ର ଶୈଳୀ ମାଧ୍ୟମରେ ଏକ ସକ୍ରିୟ ଇଣ୍ଟରନ୍ୟାଶନାଲ ବେଞ୍ଚ ମେକରର କାମ କରୁଛି । ଛୋଟ ଛୋଟ ଉପକ୍ରମ ଯେମିତିକି ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବସିବା ଯାଗା ଉପଲବ୍ଧ କରାଇବା ଠାରୁ ଆରମ୍ଭ କରି ଆଜି ଏହି ବ୍ୟାଙ୍କ ନିଜ ଶାଖାରେ ମହିଳା କର୍ମଚାରୀ ନିଯୁକ୍ତି ଦେବା ପରି ପଦକ୍ଷେପ ମଧ୍ୟ ହାତକୁ ନେଉଛନ୍ତି । ଏହି ନିକଟରେ ତା'ର କର୍ମଚାରୀମାନଙ୍କପାଇଁ ଲିଙ୍ଗଗତ ସମ୍ବେଦନଶୀଳତା ଉପରେ ଏକ କାର୍ଯ୍ୟଶାଳା ମଧ୍ୟ ଆୟୋଜିତ କରିଛନ୍ତି ।

**ଆଜି, ଏହି ବ୍ୟାଙ୍କ ମହିଳାମାନଙ୍କ ପାଇଁ ଉପଯୋଗୀ ହୋଇପାରିବା ପରି ସମସ୍ତ ସୁବିଧାମାନ ଦେଉଛି ଓ ଏହାଦ୍ୱାରା ତାଙ୍କର ମହିଳା ଗ୍ରାହକ ବା ସଦସ୍ୟା ବୃଦ୍ଧିପାଇଁ ଆକର୍ଷଣ ସୃଷ୍ଟି ହୋଇଛି ।**

# ସ୍ୱାସ୍ଥ୍ୟ ସେବୀ ଚେଞ୍ଜ ମେକର


ବାଙ୍ଗଲାଦେଶରେ ୧୦ ଟି ଜିଲ୍ଲାର ନର୍ସିଂ ଇନ୍‌ଷ୍ଟିଚ୍ୟୁଟ୍ ଆନୁଷ୍ଠାନିକ ଭାବରେ ଏହି ଅଭିଯାନ ସହ ସଂଶ୍ଲିଷ୍ଟ ଅଛନ୍ତି ଏହି ସଂସ୍ଥାଗୁଡ଼ିକ, ନିୟମିତ ଭାବେ, ତାଙ୍କର ଛାତ୍ରଛାତ୍ରୀ ମାନଙ୍କ ପାଇଁ ସେମିନାର ଓ କାର୍ଯ୍ୟଶାଳା ଆଦି ଆୟୋଜନ କରୁଛନ୍ତି, ଆହୁରିମଧ୍ୟ ସେମାନଙ୍କର ରୋଗୀ ଏବଂ ସମାଜର ବିଭିନ୍ନ ଲୋକସହିତ ମହିଳାଙ୍କ ବିରୁଦ୍ଧରେ ହିଂସା ଆଦି ପ୍ରସଙ୍ଗରେ ଆଲୋଚନା କରିବାକୁ ପ୍ରୋତ୍ସାହିତ ମଧ୍ୟ କରୁଛନ୍ତି ।

ଭାରତର ତାମିଲନାଡୁରେ ସିଦ୍ଧ ଡାକ୍ତରମାନେ ଗୋଟିଏ ଚେଞ୍ଜ ମେକର ଫୋରମ୍ ପରି କାମ କରୁଛନ୍ତି । ସପ୍ତାହକୁ ତିନିଦିନ ସେମାନେ ଗାଁ ଗହଳିରେ ତିନିରୁ ଚାରି ଘଣ୍ଟା ଯାଏଁ ବିତାନ୍ତି ଏବଂ ଏହି ଅଭିଯାନର ମୂଳ ବାର୍ତ୍ତା ପ୍ରଚାର କରନ୍ତି ।

**ଏହି ସମଗ୍ର ଅଞ୍ଚଳରେ କେତେକ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ, ପ୍ରତିଦିନ ଗୋଷ୍ଠୀସହିତ ଏହି ଅଭିଯାନ ବିଷୟରେ କିଛି ନା କିଛି, କିଛି ଘଣ୍ଟା ଯାଏ ଆଲୋଚନା କରନ୍ତି ।**



# ପରମ୍ପରାର ପରିବର୍ତ୍ତନ



# ଅନେକ ଗୁଡ଼ିଏ ଗୋଷ୍ଠୀର ବହୁଦିନ ଧରି ଚାଲିଆସୁଥିବା ପ୍ରଥା ଓ ପରମ୍ପରା ଗୁଡ଼ିକ ବଦଳିବାରେ ଲାଗିଛି ଏବଂ ନୂଆ ନୀତି ଓ ଅଭ୍ୟାସ ଗୁଡ଼ିକ ଚେଞ୍ଜ ମେକର ପରି କାମ କରୁଛି ।

ଭାରତର ଉତ୍ତର ପ୍ରଦେଶ ଅନ୍ତର୍ଗତ ବଳରାମପୁରଠାରେ ବହୁକାଳରୁ ଏକ ପ୍ରଥା ଚାଲି ଆସିଥିଲା ଯେ, ଅତୃପ୍ତ ଆତ୍ମା ବା ଭୂତ ପ୍ରେତ, ଡାହାଣୀକୁ ତଡ଼ିବା ପାଇଁ ପୁଅ ପିଲାମାନେ ଗୋଟିଏ ଝିଅ କଣ୍ଢେଇକୁ ଧରି ପିଟୁଥିଲେ । ଏବେ କେତେଜଣ ଯୁବ ଚେଞ୍ଜ ମେକର ମାନଙ୍କର ପ୍ରଚେଷ୍ଟା ଫଳରେ, ଏହି ପ୍ରଥାରେ ପରିବର୍ତ୍ତନ ଆସିଛି ।

ସେମାନେ ଆଜିକାଲି ସେହି କଣ୍ଢେଇକୁ ପିଟିବା ପରିବର୍ତ୍ତେ ତାକୁ ଫୁଲମାଳର ଦୋଳିରେ ବସାଇ ଝୁଲାଇ ଝୁଲାଇ ମିଠେଇ ଖାଇବାକୁ ଦେଉଛନ୍ତି ।

ପାକିସ୍ଥାନରେ ଜଣେ ଚେଞ୍ଜେମେକର ଯିଏ କି ଜଣେ ଆଦିବାସୀ ନେତା ମଧ୍ୟ, ତାଙ୍କର ପ୍ରଭାବରେ, ସ୍ଥାନୀୟ ଅଭିଯୋଗ ସମାଧାନକାରୀ କର୍ତ୍ତୃପକ୍ଷ ଜିର୍ଗାକୁ ଏହି ନିଷ୍ପତ୍ତି ନେବାପାଇଁ ପ୍ରେରିତ କରିଛି ଯେ, ମହିଳାମାନଙ୍କୁ ନେଇ ସୃଷ୍ଟି ହୋଇଥିବା କୌଣସି ବି ପ୍ରସଙ୍ଗ, ମହିଳାମାନଙ୍କର ବିନା ପ୍ରତିନିଧିତ୍ୱରେ ଶୁଣାଣୀ ହେବ ନାହିଁ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଓ ପଦକ୍ଷେପ । କାରଣ ଜିର୍ଗା, ପାରମ୍ପରିକ ଭାବରେ କେବଳ ପୁରୁଷ ମାନଙ୍କର ସଂଗଠନ ବୋଲି ବିବେଚନା କରାଯାଇଥିଲା ।

ଏହି ପରି ବିଭିନ୍ନ ପ୍ରକାରର ଉଲ୍ଲେଖନୀୟ କାର୍ଯ୍ୟକଳାପ ଗୁଡ଼ିକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ବହୁ ସମସ୍ୟା ଓ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା, କିନ୍ତୁ ବର୍ତ୍ତମାନ ଏହାକୁ ବିଭିନ୍ନ ଗୋଷ୍ଠୀ ଆଗ୍ରହରେ ଗ୍ରହଣ କରିଛନ୍ତି ଏବଂ ଏହା ଆଦୃତ ହେଉଛି ।

## ଆଜି, ବିଚାରପତି ଓ ଓକିଲମାନେ ନିଜ ବିଚାରାଳୟ ପରିସରରୁ ବାହାରି, ଏହି ଅଭିଯାନକୁ ସମର୍ଥନ କରିବାରେ ଲାଗିଛନ୍ତି ।

ପାକିସ୍ଥାନରେ, ଜଣେ ଓକିଲ, କେବଳଯେ ମହିଳାମାନଙ୍କୁ ମାଗଣାରେ ଆଇନଗତ ପରାମର୍ଶ ଓ ସେବା ଯୋଗାଇଦେଉଛନ୍ତି ତା ନୁହେଁ, ବରଂ ସେ ମହିଳାମାନଙ୍କୁ ଭେଦଭାବ କରାଯାଇଥିବା ଘଟଣାଗୁଡ଼ିକୁ ଆଲୋକପାତ କରି କ୍ରିମିନାଲ ଜଷ୍ଟିସ୍ ସିଷ୍ଟମ୍‌ରେ ମଧ୍ୟ କାମ କରୁଛନ୍ତି ।

ଭାରତର ଡିଯୁରେ ଓକିଲ ଓ ବିଚାରପତିମାନେ, ସେମାନଙ୍କର ସମର୍ଥନ କରାଇବାକୁ ଆଗଭର ହୋଇ ଆସିଛନ୍ତି ଓ ଗୋଷ୍ଠୀରେ ବା ସମାଜରେ ଚେଞ୍ଜ ମେକର ଭାବରେ କାମ କରୁଛନ୍ତି । ଏକ ସୁଦୃଢ଼ ପଦକ୍ଷେପ ଭାବରେ, ସେମାନେ ଜିଲ୍ଲା ଆଇନଗତ ସେବା ମାଧ୍ୟମରେ ଏକତ୍ରିତ ହୋଇଛନ୍ତି ଏବଂ ଏହି ଅଭିଯାନକୁ ସମର୍ଥନ କରିବାକୁ ଆଗେଇ ଆସିଛନ୍ତି । ଜିଲ୍ଲା ଆଇନଗତ ସେବା ଏବଂ ବାର ଆସୋସିଏସନର ମିଳିତ ଉପକ୍ରମ ଫଳରେ ବର୍ତ୍ତମାନ ଏମାନେ ବିଭିନ୍ନ ଶୋଭାଯାତ୍ରା, କଥୋପକଥନ ଅଧିବେଶନ ଏବଂ ଗୋଷ୍ଠୀଗୁଡ଼ିକ ସହ ଆଲୋଚନା ଦ୍ୱାରା ଏହାକୁ ସମର୍ଥନର ସ୍ୱର ଉତ୍ତୋଳନ କରାଉଛନ୍ତି । ଏହା କେବଳ ଯେ ଏହି ଅଭିଯାନକୁ ସୁଦୃଢ଼ କରିଛି ତା ନୁହେଁ ବରଂ ଏହା ଦ୍ୱାରା ଗୋଷ୍ଠୀ ଗୁଡ଼ିକ ପାଇଁ ସଂସ୍ଥାରେ ଅଧିକ ସହଜରେ ପହଞ୍ଚିବା କ୍ଷମ ହୋଇପାରିଛି ।


WE CAN
ସମର୍ଥନ ପ୍ରାପ୍ତି
କୋର୍ଟ ମାଧ୍ୟମରେ
WE CAN

## WE CAN REGIONAL CAMPAIGN SECRETARIAT

27, Community Centre
East of Kailash
New Delhi 110 065
India
Phone: + 91 11 4239 6000
Fax: + 91 11 4239 6099

## WE CAN India

Campaign National Secretariat
4/203, Ist Floor, Kaushalya Park
Hauz Khas, New Delhi- 110 016
Phone: 91 11 46110348/46110349
Email: wecanindiacampaign@gmail.com

## WE CAN Nepal

Campaign National Secretariat
Post Box No. 2500, Jawalakhel, Lalitpur
Nepal
Phone/Fax: +977-1-5523652
Email: campaign2endvaw@yahoo.com

## WE CAN Afghanistan

Campaign National Secretariat
Oxfam GB
House No. 398, Street No. 1
Quala-e-Fatehullah
Post Box No. 681
Kabul, Afghanistan

## WE CAN Bangladesh

Campaign National Secretariat
6/4 A, Sir Sayed Road (2nd Floor)
Mohammadpur, Dhaka - 1207
Bangladesh
Phone:88 02 9130265
Email: wecan_secretariatbd@yahoo.com

## WE CAN Sri Lanka

Campaign National Secretariat
No- 12-A, Ridgeway Place
Colombo - 04
Sri Lanka
Phone: (0094) 11 3050969
Fax: (0094) 11 4541906
Email: wecansrilanka@gmail.com

## WE CAN Pakistan

End 'Honour' Killing Campaign
SPO National Centre
House # 429, Street # 11
Sector F-10-2
Islamabad, Pakistan
Phone: +92 51 2104677, 2104680
Fax: + 92 51 2112787
Email: secretariat@wecanendvaw.org

WE CAN
End All Violence against women

www.wecanendvaw.org

design: invertedcommasindia@yahoo.com/ illustrations: vishwajyoti ghosh